## ୧୧ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ଗୁରୁବାର ୧୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୨୪୪ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣ୍ଡରପାଳ ବ୍ଲକରୁ ସର୍ବାଧିକ ୩ ଜଣ, ଅନୁଗୋଳ ବ୍ଲକରୁ ୫, ଛେଣ୍ଡିପଦା ବ୍ଲକରୁ ୨ ଓ ତାଳଚେର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୮ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।



# ପ୍ରଶାସନ ନିକଟରେ ଅଟକିଛି ପ୍ରସ୍ତାବ

**ବନ୍ତଳା,୨୮।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଥାନା ବଡ଼କେରା ପଞ୍ଚାୟତ ଚମ୍ପତିମୁଣ୍ଡାଠାରେ ରହିଛି ଜବାହର ନବୋଦୟ ବିଦ୍ୟାଳୟ। ଦୀର୍ଘ ୪ ବର୍ଷ ହେଲା ଏଠାରେ ପ୍ରାୟ ୫ଶହ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଶିକ୍ଷାନୁଷ୍ଠାନ ସ୍ଥାପନ ଦିନଠାରୁ ବନ୍ତଳା-ବଡ଼କେରା ପୂର୍ତ୍ତ ବିଭାଗ ରାସ୍ତାରୁ ବିଦ୍ୟାଳୟ ମୁଖ୍ୟ ଫାଟକ ଯାଏ ଏକ ପିଚୁ ସଡ଼କ ନିର୍ମାଣ ପାଇଁ ଦାବି କରାଯାଇଆସୁଛି। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ପଦକ୍ଷେପ ନେବାକୁ ବୈଠକଗୁଡ଼ିକରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଛି। ଇତିମଧ୍ୟରେ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ୟୟ ଅଟକଳ ପ୍ରଦାନ କରାଯାଇଥିଲେ ମଧ୍ୟ ଉକ୍ତ ପ୍ରସ୍ତାବ ପ୍ରଶାସନ ନିକଟରେ ଅଟକିଯାଇଛି। ଏଣେ ଯାତାୟାତରେ ଅସୁବିଧା ହେଉଥିବାରୁ ବୁଧବାର ବାଧ୍ୟ ହୋଇ ବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ରାସ୍ତାରୁ କଂକ୍ରିଟ୍ ସଫା କରିଥିବା ଦେଖାଯାଇଛି।

୨୦୦୮ରେ ଚମ୍ପତିମୁଣ୍ଡାଠାରେ ନବୋଦୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ନିମନ୍ତେ ଜିଲା ପ୍ରଶାସନ ଓ ପୂର୍ବତନ ଅଧ୍ୟକ୍ଷ ନୃସିଂହ ଚରଣ କରଙ୍କ ପକ୍ଷରୁ ଉଦ୍ୟମ କରାଯାଇଥିଲା। ୨୮ ଏକର ୬୩ ଡିସିମିଲ ଜାଗାରେ ୨୦୧୦ ମାର୍ଚ୍ଚ ୧୫ରେ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୧୬ ଅଗଷ୍ଟ ୧୪ରେ ତତ୍କାଳୀନ ଜିଲାପାଳ ଅନିଲ କୁମାର ସାମଲ ଓ ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ପ୍ରସାଦ ସାହୁଙ୍କ ସହଯୋଗରେ ଏଫ୍‌ସିଆଇରୁ ଏଠାକୁ ବିଦ୍ୟାଳୟ ସ୍ଥାନାନ୍ତର ହୋଇଥିଲା। ସେବେଠାରୁ ପ୍ରାୟ ୫୦୦ ଛାତ୍ରୀଛାତ୍ର ରହି ଯୁକ୍ତ ୨ ପର୍ଯ୍ୟନ୍ତ ପଢୁଛନ୍ତି। ଜିଲାର କୋଣ ଅନୁକୋଣରୁ ପିଲାମାନେ ଆସି ହଷ୍ଟେଲରେ ରହି ପଢୁଥିବାରୁ ସେମାନଙ୍କ ଅଭିଭାବକ ସର୍ବଦା ଆତଯାତ ହେଉଛନ୍ତି। ବିଦ୍ୟାଳୟ ଆରମ୍ଭ ସମୟରେ ମେଟାଲ, ମାଟି ଓ କଂକ୍ରିଟ୍ ପକାଯାଇ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ମରାମତି ଅଭାବ ଯୋଗୁ ତାହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବା ସହିତ ମେଟାଲ, କଂକ୍ରିଟ୍ ଗୁଡିକ ବାହାରି ପଡିଛି। ଫଳରେ ଛାତ୍ରୀଛାତ୍ର, ଅଭିଭାବକ ଓ କର୍ମଚାରୀମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନିର୍ମାଣ ନିମନ୍ତେ ୨୦୧୯ ଅଗଷ୍ଟ ୨୭ ଓ ୨୦୨୦ ନଭେମ୍ବର ୨୬ରେ ବିଦ୍ୟାଳୟ ପ୍ରବନ୍ଧନ ସମିତି ବୈଠକରେ ଜିଲାପାଳଙ୍କ ସହିତ ଆଲୋଚନା କରାଯାଇଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ଏଯାଏ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଅଭିଭାବକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଅଭିଭାବକ ନୀଳାଦ୍ରି କିଶୋର ପ୍ରଧାନ କହିଛନ୍ତି।


ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀମାନେ ରାସ୍ତାରୁ କଂକ୍ରିଟ୍ ହଟାଉଛନ୍ତି।

- ନବୋଦୟ ବିଦ୍ୟାଳୟକୁ ନିର୍ମାଣ ହେଉନି ପିଚୁ ସଡ଼କ
- ଦୁର୍ଘଟଣା ବଢୁଥିବାରୁ ରାସ୍ତାରୁ କଂକ୍ରିଟ୍ ହଟାଇଲେ କର୍ତ୍ତୃପକ୍ଷ
- ଅନୁମୋଦନ ଅପେକ୍ଷାରେ ପୂର୍ତ୍ତ ବିଭାଗର ବ୍ୟୟ ଅଟକଳ

### ଯଥାଶୀଘ୍ର ପଦକ୍ଷେପ ନିଆଯାଉ


ରାସ୍ତା ନିର୍ମାଣ ପାଇଁ ଦୁଇଥର ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅନୁରୋଧ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାସ୍ତାକୁ ପିଚୁ କରିବା ପାଇଁ ପୂର୍ତ୍ତ ବିଭାଗର ଏଷ୍ଟିମେଟ ଅନୁଯାୟୀ ଜିଲା ଖଣିଜ ପାଣ୍ଠିରୁ ୧୫.୫ ଲକ୍ଷ ଟଙ୍କା ଅନୁମୋଦନ ନିମନ୍ତେ ପ୍ରସ୍ତାବ ରହିଛି। ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବା ଦରକାର।

-ରୁଦ୍ର ପ୍ରସାଦ ସାହୁ, ଅଧ୍ୟକ୍ଷ

### ଯାତାୟାତ ପାଇଁ ଭୟ ଲାଗୁଛି


ଏହି ବିପଦସଙ୍କୁଳ ରାସ୍ତାରେ ପଡ଼ି ଅନେକ ସମୟରେ ଛାତ୍ରୀଛାତ୍ର ଓ ଅଭିଭାବକ ଆହତ ହେଉଛନ୍ତି। ତେଣୁ ଯାତାୟାତ ବେଳେ କାଳେ ଦୁର୍ଘଟଣା ଘଟିଯିବ ସେଥିପାଇଁ ଭୟ ଲାଗେ। ବେସରକାରୀ ବିଦ୍ୟାଳୟକୁ ଚକାଚକ୍ ରାସ୍ତା ଥିବାବେଳେ ଏହି ସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ଅବହେଳା କରାଯିବା ଆଶ୍ଚର୍ଯ୍ୟଜନକ।

-ସନ୍ଧ୍ୟାରାଣୀ ପରିଡ଼ା, ଛାତ୍ରୀ

### ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି


ଦୀର୍ଘବର୍ଷ ଧରି ରାସ୍ତା ନିର୍ମାଣ କରାଯାଉ ନ ଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଅଭିଭାବକମାନେ ଏଥିପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ଦୋଷ ଲଦୁଛନ୍ତି। ପ୍ରଶାସନ ଅବହେଳା କରିଆସୁଥିବା ବେଳେ ଅଯଥାରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ବଦନାମ ହେଉଛନ୍ତି।

-ସୁନୀଲ କୁମାର ନନ୍ଦ, କର୍ମଚାରୀ

### ରାସ୍ତା ବ୍ୟତୀତ ସବୁ ଭଲ


ପଢ଼ାଠାରୁ ଆରମ୍ଭ କରି ରହିବା, ଖାଇବାର ଭଲ ବ୍ୟବସ୍ଥା ଏଠାରେ ରହିଛି। କିନ୍ତୁ ବିଦ୍ୟାଳୟକୁ ଯୋଡୁଥିବା ରାସ୍ତା ଅବସ୍ଥା ଭଲ ନାହିଁ। ଦୀର୍ଘବର୍ଷ ହେଲା ଏହାକୁ ପିଚୁ କରିବାକୁ ଦାବି କରାଯାଉଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଏହି ଶିକ୍ଷାନୁଷ୍ଠାନ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସତ୍ତ୍ୱେ ରାସ୍ତା ନିର୍ମାଣ ନ ହେବା ଦୁଃଖ ଲାଗୁଛି।

-କୃତି ଭୂଷଣ ସାହୁ, ଛାତ୍ର

### ବହୁଥର ଅଭିଯୋଗ କରାଯାଇଛି


ବହୁଥର ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରାଯାଇଛି। କିନ୍ତୁ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ସ୍କୁଟିରେ ଆସୁଥିବା ଜଣେ ଶିକ୍ଷୟିତ୍ରୀ ପଡିଯିବାରୁ ତାଙ୍କ ଗୋଡ଼ ହାତ ଭାଙ୍ଗିଛି। ଜିଲାରେ ସ୍ୱତନ୍ତ୍ର ପରିଚୟ ଥିବା ଏହି ଏକମାତ୍ର ବିଦ୍ୟାଳୟକୁ ରାସ୍ତାଟିଏ ନିର୍ମାଣ କରାଯିବାରେ ଏତେ ବିଳମ୍ବ କେଉଁ କାରଣରୁ ହେଉଛି ତାହା ବୁଝାପଡୁନି।

-ଗୀତା ପଟ୍ଟନାୟକ, ଉପାଧ୍ୟକ୍ଷା

### ଅର୍ଥ ଦେଲେ ନିର୍ମାଣ ହେବ


ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ରାସ୍ତାର ଏଷ୍ଟିମେଣ୍ଟ କରି ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଦିଆଯାଇଛି। ପ୍ରଶାସନ ପକ୍ଷରୁ ଏଥିପାଇଁ ଅର୍ଥ ପ୍ରଦାନ କରାଗଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ବିଦ୍ୟାଳୟ ରାସ୍ତା ପ୍ରତି ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ଅବହେଳା କରାଯାଇ ନାହିଁ।

-ବିନୟ କୁମାର ପାଢୀ, ଏସ୍‌ଡିଓ, ପୂର୍ତ୍ତ ବିଭାଗ

## ସଂକ୍ଷେପରେ

### ମେଶିନରେ କାମ ଅଭିଯୋଗ



**ବଇଣ୍ଡା,୨୮।୧(ଡି.ଏନ.ଏ.):** ଆଠମଲିକ ବ୍ଲକ ଟାପଢ଼ୋଲ ପଞ୍ଚାୟତ ସାନଦାଦର ଗ୍ରାମ ମହାବନ୍ଧଠାରୁ କୁଶାବାରି ବନ୍ଧ ପର୍ଯ୍ୟନ୍ତ କେନାଲ ଖନନ କାର୍ଯ୍ୟରେ ଶ୍ରମିକଙ୍କ ବଦଳରେ ମେଶିନ ଲଗାଯାଇଥିବା ଟାପଢ଼ୋଲ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଏହି ପଞ୍ଚାୟତରେ ୧୫ ଶହରୁ ଅଧିକ ଶ୍ରମିକ ଅଛନ୍ତି। ହେଲେ ସେମାନଙ୍କୁ ନିୟୋଜିତ କରାଯିବା ବଦଳରେ ଜେସିବି ମେଶିନ ଲଗାଯାଇଛି। ୨୦୦୮ରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ କାମ ସରି ନ ଥିବାରୁ ଏବେ ମେଶିନ ଦ୍ୱାରା କରାଯାଉଛି। ତୁରନ୍ତ ଏହାର ତଦନ୍ତ କରି ଶ୍ରମିକମାନଙ୍କୁ କାମ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟବାଦୀ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଆଠମଲିକ ବିଡିଓ ସଞ୍ଜୟ ଆଚାର୍ଯ୍ୟ କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

### ମୃତ ମହିଳାଙ୍କ ପରିବାରକୁ ସହାୟତା



**ବଇଣ୍ଡା,୨୮।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡା ଗ୍ରାମର ମୃତ ମହିଳା ବିଳାସ ବେହେରାଙ୍କ ପରିବାରକୁ ବୁଧବାର କୋଇଲା ଡିପୋ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ଡିପୋ ମ୍ୟାନେଜର ଲକ୍ଷ୍ମଣ ନିଆଲ ମୃତା ବିଳାସଙ୍କ ସ୍ୱାମୀ ମକୁନ୍ଦ ବେହେରାଙ୍କୁ ୩ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏହି ଡିପୋ ଚାଲୁ ହେଲେ ଅଞ୍ଚଳବାସୀ ରୋଜଗାରକ୍ଷମ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ଅଳିଆ ବୁହା ଗାଡ଼ି ଉଦ୍‌ଘାଟିତ

**ଆଠମଲ୍ଲିକ,୨୮।୧(ଡି.ଏନ.ଏ.):** ଆଠମଲ୍ଲିକ ଏନ୍‌ଏସି ପକ୍ଷରୁ ଗୁରୁବାର ୫ଟି ଅଳିଆ ବୁହା ଗାଡି ଉଦ୍‌ଘାଟିତ ହୋଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ



ମଧ୍ୟରେ ଆଠମଲ୍ଲିକ ଉପଜିଲାପାଳ ତଥା ଏନ୍‌ଏସି ପ୍ରଶାସକ ଲଳିତ ମୋହନ ବେହେରା, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ଯୋଗ ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାର, ସରକାରୀ ଓକିଲ ବିଜୟ ମହାକୁଡ଼, ଅବନୀ ଆଚାର୍ଯ୍ୟ, ବିଜୟ ଦନ୍ତା, ପୂର୍ବତନ ନଗରପାଳ ନରେଶ ଦୀପ, ଗଦାଧର ସ୍ୱାଇଁ, ପ୍ରଦୀପ ଦାଶ, ପ୍ରବୀଣ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। କଠିନ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଗାଡିଗୁଡିକ ବ୍ୟବହାର କରାଯିବ ବୋଲି ନିର୍ବାହୀ ଅଧିକାରୀ ଜେନା ପ୍ରକାଶ କରିଛନ୍ତି।

### ମହିଳା ଚାଷୀଙ୍କୁ ସହାୟତା

**ବନ୍ତଳା,୨୮।୧(ଡି.ଏନ.ଏ.):** ବନ୍ତଳା ଥାନା ଚମ୍ପତିମୁଣ୍ଡା ଜବାହର ନବୋଦୟ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଅବସରରେ ପୋକତୁଙ୍ଗା ଗ୍ରାମର ସଫଳ ମହିଳା ଚାଷୀ ଆଶାଲତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ କଠିନ ପରିଶ୍ରମ କରି କିପରି ଚାଷରେ ସଫଳତା ପାଇବା ସହ ଅନ୍ୟମାନଙ୍କ ପ୍ରେରଣା ହୋଇପାରିଛନ୍ତି ତାହା ପ୍ରକାଶ କରିଥିଲେ। ଏଥିସହ ତାଙ୍କୁ ସମସ୍ତଙ୍କ ନିକଟରେ 'ଧରିତ୍ରୀ' ପରିଚିତ କରାଇଥିବା କହିଥିଲେ। ବିଦ୍ୟାଳୟ କର୍ମଚାରୀଙ୍କ ତରଫରୁ ଆଶାଲତାଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ କୁମାର ବେହେରା ସଞ୍ଚାଳନା କରିଥିଲେ।

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କଲୋନୀ ବାସିନ୍ଦା

**ଅନୁଗୋଳ ଅଫିସ, ୨୮।୧:** ଅନୁଗୋଳ ସହରରେ ରହୁଥିଲେ ମଧ୍ୟ ସହରୀ ସୁବିଧା ପାଉ ନ ଥିବା ଅଭିଯୋଗ କରିଛନ୍ତି ମହିଳା କର୍ମଜୀବୀ ଛାତ୍ରୀନିବାସ କଲେଜପଡ଼ାଠାରେ ଥିବା ତାମଡା କଲୋନୀ ବାସିନ୍ଦା। ସେମାନେ ତାମଡାକୁ ଜାଗା କିଣିଥିଲେ ବି ଜମିପଟା ମିଳିନାହିଁ। ପୌରପାଳିକା କିଛି ସହରୀ ସୁବିଧା ଦେଉନାହିଁ। ତେଣୁ ଏ ନେଇ ତୃପ୍ତିମୟୀ ସାହୁ, କେଶବ ଚନ୍ଦ୍ର ସାହୁ, ନଳିନୀ ପ୍ରଭା ସାହୁ, ଫକୀର ମୋହନ ବିଶ୍ୱାଳ, ସଂଯୁକ୍ତା ପଣ୍ଡା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ମା'ଲଙ୍ଗ ବାଉତିଙ୍କ ପୌଷ ପୂର୍ଣ୍ଣମୀ ଯାତ୍ରା



**ବଣ୍ଡରପାଳ,୨୮।୧(ଡି.ଏନ.ଏ.)**

ବଣ୍ଡରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା' ଲଙ୍ଗ ବାଉତିଙ୍କ ପ୍ରସିଦ୍ଧ ପୌଷ ପୂର୍ଣ୍ଣମୀ ଯାତ୍ରା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସକାଳେ ମା'ଙ୍କ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା। ଅପରାହ୍ନରେ ଗ୍ରାମର ଦିଆଁ ଘରୁ ମା'ଙ୍କ ଆଳମକୁ ନିରାଡ଼ମ୍ବରରେ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳୀକୁ ଅଣାଯାଇଥିଲା। ଆଳମ ଆସିବା ପରେ ମା'ଙ୍କ ମାଜଣା ପର୍ବ ସହ ବଡ଼ ପୂଜା ଅନୁଷ୍ଠିତ ହୋଇଥିଲା। ମାନସିକ ପୂରଣ ନିମନ୍ତେ ବହୁ ଶ୍ରଦ୍ଧାଳୁ ପୀଠରେ ଅଧିଆ ପଡିଥିଲେ। ଶିଶୁ ମୁଣ୍ଡନ କରାଯାଇଥିଲା। ସରପଞ୍ଚ ଉତ୍ସବ ଦେହୁରୀଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପାଳିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ।

### ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଛେଣ୍ଡିପଦା,୨୮।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଆମ୍ବେଡକର ଫାଉଣ୍ଡେଶନ ଶାଖା ପକ୍ଷରୁ ମାମୁରିଆ ଗୁଗୁଡି ସାହିଠାରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଫାଉଣ୍ଡେଶନ ଶାଖା ସଭାପତି ଭିକାରାମ ନାଏକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଫାଉଣ୍ଡେଶନର ଉଦୟ ନାଥ ବେହେରା, ରାହାସ ବିହାରୀ ବେହେରା, ଧରଣୀଧର ନାଏକ, କୁମୁଦ ଚନ୍ଦ୍ର ନାଏକ, ଗୋବିନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## 'ଅପପୁଷ୍ଟି ବିକଳାଙ୍ଗ କରିଦେବ'

**ବଇଣ୍ଡା/କଣିହାଁ,୨୮।୧(ଡି.ଏନ.ଏ.)**

ଗ୍ରାମାଞ୍ଚଳର ଅନେକ ମହିଳା ପୁଷ୍ଟିସାର ଖାଦ୍ୟ ଅଭାବରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନବଜାତ ଶିଶୁମାନେ ବିଭିନ୍ନ ରୋଗରେ ପଡ଼ିବା ସହ ବିକଳାଙ୍ଗ ହୋଇଯାଉଛନ୍ତି ବୋଲି କିଶୋରନଗର ବ୍ଲକ ବଇଣ୍ଡା ମହିଳା ସଭାଘର ପରିସରରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପୁଷ୍ଟିସାର ସମ୍ପର୍କରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବ୍ଲକ ଗୋଷ୍ଠୀ ସଂଯୋଜକ ସାଗରକାନ୍ତ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନୁନୁକାପଶି ସରପଞ୍ଚ ଜଳଧର ସାହୁ, ଶିକ୍ଷାବିତ୍ ହେମନ୍ତ କୁମାର ମିଶ୍ର, ପରିକ୍ଷିତ ସାହୁ, ଜିତେନ୍ଦ୍ର କୁମାର ଦେହୁରୀ, ସୁଜିତ କୁମାର ପ୍ରଧାନ, ଲୀଳା ବିଶ୍ୱାଳ, ମମତା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି କଣିହାଁ ବ୍ଲକ କୁଲୁମାଠାରେ ପୁଷ୍ଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସରପଞ୍ଚ ନିଶାକର ବିଶ୍ୱାଳ, ଓଡ଼ିଶା ଜୀବିକା ମିଶନ କଣିହାଁ ବ୍ଲକ ବିପିଏମ୍ ବିଶ୍ୱଭୂଷଣ କର, ବିଏଲସି ଶ୍ରୀପତି ଭୂତିଆ, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସୁଷମ ଓ ପୁଷ୍ଟିକର ଖାଦ୍ୟ ଖାଇବା ସହ ଗର୍ଭବତୀମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଗ୍ୟାରେଜ କର୍ମଚାରୀଙ୍କୁ ହତ୍ୟା ଅଭିଯୋଗ

**ବଣ୍ଡରପାଳ,୨୮।୧(ଡି.ଏନ.ଏ.)**

ବଣ୍ଡରପାଳ ଥାନା ଗୋତମରାସ୍ଥିତ ନିରୋଦ ବିଶ୍ୱାଳଙ୍କ ଗ୍ୟାରେଜରେ ଦୀର୍ଘ ୪ ବର୍ଷ ହେଲା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଫଗୁଆ ମହାରଣାଙ୍କ ଗୁରୁବାର ମୃତ୍ୟୁ ହୋଇଛି। ତେବେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଫଗୁଆଙ୍କ ସ୍ତ୍ରୀ ସୁଜାତା ମହାରଣା ବଣ୍ଡରପାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ନିରୋଦ ସକାଳେ ଫୋନ କରି ଅଗ୍ରୀମ ଟଙ୍କା ନ ଦେଲେ ତୁମ ସ୍ୱାମୀଙ୍କୁ ଜୀବନରେ ମାରିଦେବି ବୋଲି ଧମକ ଦେଇଥିଲେ। ଏହାର କିଛି ସମୟ ପରେ ଫଗୁଆଙ୍କ ମୃତଦେହ ବଣ୍ଡରପାଳ ହସ୍ପିଟାଲରେ ରହିଥିବା ସୁଜାତାଙ୍କ ପାଖକୁ ଥାନାରୁ ଫୋନ ଆସିଥିଲା। ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ସୁଜାତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ମାର୍ଚ୍ଚ ୨୪ରୁ ମାଲ୍ୟଗିରି ମହୋତ୍ସବ



ବୈଠକରେ ମଞ୍ଚାସୀନ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

**ପାଲଲହଡା,୨୮।୧(ଡି.ଏନ.ଏ.)**

ଆସନ୍ତା ମାର୍ଚ୍ଚ ୨୪ରୁ ୨୮ ପର୍ଯ୍ୟନ୍ତ ପାଲଲହଡାର ଲୋକ ମହୋତ୍ସବ ମାଲ୍ୟଗିରି ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ବିଧାୟକ ମୁକେଶ କୁମାର ପାଲଙ୍କ ପୌରୋହିତ୍ୟରେ ଏହି ବୈଠକରେ ଆୟବ୍ୟୟ ହିସାବ ମହୋତ୍ସବ କମିଟି ଆବାହକ ତଥା ଉପଜିଲାପାଳ ଅଜିତ କୁମାର ପ୍ରଧାନ ଉପସ୍ଥାପନ କରିଥିଲେ। ପୂର୍ବବର୍ଷ ପରି ଚଳିତ ବର୍ଷ ରାଜ୍ୟ ତଥା ବାହାରର ବଛା ବଛା କଳାକାରଙ୍କୁ ନେଇ ଲୋକନୃତ୍ୟ ଏବଂ ଆଧୁନିକ ନୃତ୍ୟ ପରିବେଷଣ କରାଯିବ। ପଲ୍ଲିଶ୍ରୀ ମେଳା, କବି ସମ୍ମିଳନୀ, ଲୋକକଳା, ଆଦିବାସୀ ନୃତ୍ୟ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ତହସିଲଦାର ସ୍ୱାଗତ ଦାସ, ବିଡିଓ ରବିନାରାୟଣ ମାଝି, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ସାହୁ, ଦେବୋତ୍ତର ପରିଚାଳକ ଜଳଧର ମହାନ୍ତି, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ମେମ୍ବର ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ୬ କୁଇଣ୍ଟାଲ ଫୁଲରେ ଚମକିଲା ଶୈଳଶ୍ରୀକ୍ଷେତ୍ର

**ଅନୁଗୋଳ ଅଫିସ, ୨୮।୧**

ପୌଷ ପୂର୍ଣ୍ଣିମା ଅବସରରେ ଗୁରୁବାର ଅନୁଗୋଳ ସହରସ୍ଥିତ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରକୁ ଫୁଲରେ ସାଜସଜ୍ଜା କରାଯାଇଥିଲା। ୬ କୁଇଣ୍ଟାଲ ଫୁଲରେ ୨୮ ଜଣ କାରିଗର ଦୀର୍ଘ ସମୟ ଧରି ନିଖୁଣ ଭାବେ ମନ୍ଦିରକୁ ସଜାଇଥିଲେ। ପ୍ରଥମ ଥର ପାଇଁ ରଙ୍ଗବେରଙ୍ଗ ପୁଷ୍ପରେ ଶୈଳଶ୍ରୀକ୍ଷେତ୍ର ଏପରି ସଜ୍ଜିତ ହୋଇଥିବାରୁ ଏହାକୁ ଶ୍ରଦ୍ଧାଳୁମାନେ ବେଶ୍ ପ୍ରଶଂସା କରିଛନ୍ତି।

ଶ୍ରୀମନ୍ଦିର ପରି ଶୈଳଶ୍ରୀକ୍ଷେତ୍ର ମନ୍ଦିରକୁ ଫୁଲରେ ସାଜସଜ୍ଜା କରିବାକୁ ଅନୁଗୋଳର ପୁଷ୍ପ ବ୍ୟବସାୟୀମାନେ ଇଚ୍ଛାପ୍ରକାଶ କରିଥିଲେ। ଏ ନେଇ ସେମାନେ ପ୍ରଥମେ ଜିଲାପାଳଙ୍କ ଅନୁମତି ଲୋଡ଼ିଥିଲେ। ପ୍ରଶାସନ ପକ୍ଷରୁ ସବୁଜ ସଂକେତ ଦିଆଯିବା ପରେ ବୁଧବାର ଅପରାହ୍ନରୁ ମନ୍ଦିର ସଜାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା। ସହରରେ ଥିବା ଫୁଲ ବ୍ୟବସାୟୀମାନେ ପାଖାପାଖି ୬ କୁଇଣ୍ଟାଲ ଫୁଲ ଆଣି ସଜେଇଥିଲେ। ଗରୁଡ଼ସ୍ତମ୍ଭ ପାଖରୁ ଆରମ୍ଭ କରି ମନ୍ଦିରର ମୁଖ୍ୟଦ୍ୱାର ଓ ଭିତରେ ଥିବା ଦେବଦେବୀଙ୍କୁ ସଜାଯାଇଥିଲା। ଗେଣ୍ଡୁ, ଗୋଲାପ, ରଜନୀଗନ୍ଧା ସହ ଅନ୍ୟ ଫୁଲରେ ମନ୍ଦିର ଚମକି ଉଠିଥିଲା। କୋଲକାତା ସହ ଅନୁଗୋଳରେ ଚାଷ ହୋଇଥିବା ଫୁଲ ବେଶ୍ ସୁନ୍ଦର ଦେଖାଯାଉଥିଲା। ପ୍ରଥମଥର ପାଇଁ ଏପରି ସାଜସଜ୍ଜା ହୋଇଥିବା ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ ଦାସ କହିଛନ୍ତି। ଏହାର ଶ୍ରେୟ ସେ ଅନୁଗୋଳର ପୁଷ୍ପ ବ୍ୟବସାୟୀଙ୍କୁ ଦେଇଛନ୍ତି। ବ୍ୟବସାୟୀ ସତ୍ୟ ରଞ୍ଜନ ମହାପାତ୍ର କହିଛନ୍ତି, ହାତରେ ଅଧିକ ସମୟ ଥିଲେ ଆହୁରି ସୁନ୍ଦର କରାଯାଇପାରିଥାନ୍ତା। ଜିଲାପାଳ ତଥା ମନ୍ଦିର ପରିଚାଳନା କମିଟି ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମନ୍ଦିରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ପୁଷ୍ପ ବ୍ୟବସାୟୀମାନେ ଯେଉଁ କାର୍ଯ୍ୟ କରିଛନ୍ତି ତାହା ପ୍ରଶଂସନୀୟ।


ଫୁଲରେ ସଜ୍ଜିତ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର।

## ମୋ ସ୍କୁଲ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୨୮।୧**

ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଗୁରୁବାର ଅନୁଗୋଳ ଗସ୍ତରେ ଆସି ଜିଲା ଶିକ୍ଷା ବିଭାଗର କାର୍ଯ୍ୟ ତଦାରଖ ସହ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ମୋ ସ୍କୁଲ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଲକ୍ଷ୍ୟ ଠାରୁ ଏହି କାର୍ଯ୍ୟକ୍ରମ ଜିଲାରେ ପଛୁଆ ରହିଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଏହା କିଭଳି ଅଧିକ ତ୍ୱରାନ୍ୱିତ ହୋଇପାରିବ, ସେ ନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ପିଲାଙ୍କ ସହ ଆଲୋଚନା କରିଥିଲେ। କୋଭିଡ୍ ନିୟମ ପାଳନ ଓ ଉପସ୍ଥାନ ଖାତା ଯାଞ୍ଚ କରିଥିଲେ। ସରକାରୀ କାର୍ଯ୍ୟକୁ ଲୋକାଭିମୁଖୀ କରିବା ପାଇଁ ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଏକ ବୈଠକ ଆୟୋଜନ କରିଥିଲେ। ଏଥିରେ ସଚିବଙ୍କ ସହ ଜିଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗିରିଶ୍ୱର ପୀଠରେ ନିର୍ମାଣ ହେବ ଭବ୍ୟ ମନ୍ଦିର

**ପାଲଲହଡ଼ା,୨୮।୧(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଝରବେଡା ପଞ୍ଚାୟତସ୍ଥିତ ମାଲ୍ୟଗିରି ପର୍ବତ ମାଳାର ପଦଦେଶରେ ଥିବା ଗିରିଶ୍ୱର ପୀଠରେ ନିର୍ମାଣ ହେବ ଭବ୍ୟ ମନ୍ଦିର। ଏ ନେଇ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଅଣ୍ଟା ଭିଡ଼ିଛନ୍ତି। ଉପଖଣ୍ଡ ପ୍ରଶାସନର ସହଯୋଗରେ ଏଠାରେ ଏକ ଭବ୍ୟ ମନ୍ଦିର ପ୍ରତିଷ୍ଠା କରାଯିବ ବୋଲି ଜଣାପଡିଛି। ଗୁରୁବାର ପୁରୀ ଶଙ୍କରାଚାର୍ଯ୍ୟ ପୀଠର ସଦସ୍ୟ ସ୍ୱାମୀ ଜିତ ମହାନନ୍ଦ ସରସ୍ୱତୀ ସ୍ଥାନୀୟ ପ୍ରଶାସନ ସହ ଖୁଲୁଡି ପୀଠକୁ ଯାଇ ଭବ୍ୟ ମନ୍ଦିରର ଶୁଭ ଦେଇଛନ୍ତି। ତାଙ୍କ ସହ ପୁରୀ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଆଗାମୀ ଦିନରେ ମନ୍ଦିର ପାଇଁ ଏକ ନକ୍ସା ପ୍ରସ୍ତୁତ କରାଯିବ ଏବଂ ସମସ୍ତଙ୍କ ସହଯୋଗରେ ଏହି ଭବ୍ୟ ମନ୍ଦିର ପ୍ରତିଷ୍ଠା କରାଯିବ ବୋଲି ବିଧାୟକ ପାଲ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଅଜିତ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନବ କିଶୋର ନାୟକ, ପୂର୍ତ୍ତ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଶଙ୍କରାଚାର୍ଯ୍ୟ ପୀଠର ସଦସ୍ୟଙ୍କ ସହ ବିଧାୟକ ଓ ଅନ୍ୟମାନେ।

## ସଂକ୍ଷେପରେ

### ଭଗବାନପୁରକୁ ଟାଇଟଲ

**ଢେଙ୍କାନାଳ ଅଫିସ, ୨୮।୧:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଆମ୍ବପଡ଼ା ଖେଳପଡ଼ିଆରେ ଚାଲିଥିବା ରୟାଲ କ୍ରିକେଟ ଟୁର୍ନାମେଣ୍ଟରେ ଟାଇଟଲ ହାତେଇଛି ଭଗବାନପୁର। ୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ଭଗବାନପୁର ପ୍ରଥମେ ବ୍ୟାଟିଂ କରି ୨୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଚାଉଳିଆ ୨୦୦ ରନ୍ କରି ପରାଜିତ ହୋଇଥିଲା। ପିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ମଙ୍ଗୁ ମ୍ୟାନ୍ ଅଫ୍ ଦି ସିରିଜ୍ ଘୋଷିତ ହୋଇଥିଲେ। ରାଜୀବ ମଳିକ, ପ୍ରଭାତ ଦେହୁରୀ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ଭୂୟାଁ, ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ପ୍ରଦୀପ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନରେଶ ମହାନ୍ତି, ପଞ୍ଚାନନ ମହାନ୍ତି, ଗଗନ ନାୟକ, ସୁବ୍ରତ ନାୟକ, ଅରବିନ୍ଦ ପାଣିଗ୍ରାହୀ, ରାଜୀବ ଲୋଚନ ପାଣିଗ୍ରାହୀ, ବାପି ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ବିଜେଡିରେ ସାମିଲ ହେଲେ ଶତାଧିକ କର୍ମୀ

**ପରଜଙ୍ଗ, ୨୮।୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୨ନଂ. ଜୋନ୍ ଅନ୍ତର୍ଗତ ରେଣ୍ଡାପାଟ ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ଭାଜପା ଏବଂ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ସୁଜିତ ପଣ୍ଡା, ମନ୍ଦାର ନାଏକ, ଦୁଷ୍ମନ୍ତ ନାଏକ, ଶାନ୍ତନୁ ନାଏକ, ଇନ୍ଦ୍ରମଣି ନାଏକ, ମହେଶ ନାଏକ, ସୁରେଶ ଭୋଇ, ନରୋତ୍ତମ ବେହେରା, ସୁରେଶ ବେହେରା, ଚେମାର ବେହେରା, ବ୍ରହ୍ମାନନ୍ଦ ବେହେରା, କନ୍ଦର୍ପ ବେହେରା, ତପନ ବେହେରା, ଦୟା ନାୟକ ପ୍ରମୁଖ ଅଛନ୍ତି। ବିଜୁ ଜନତା ଦଳର ନୀତି ଆଦର୍ଶ ଏବଂ ସ୍ଥାନୀୟ ବିଧାୟକ ଡା. ନୃସିଂହ ଚରଣ ସାହୁ, ଯୁବନେତା ଅସିତ କୁମାର ରାୟଚୌଧୁରୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ବିଧାୟକ ଡା. ସାହୁ ଏବଂ ଯୁବନେତା ଅସିତ୍ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ।

### ଭଲିବଲ୍ ଟୁର୍ନାମେଣ୍ଟ: ଖଇରାମୁଣ୍ଡା ଚାମ୍ପିୟନ

**ପରଜଙ୍ଗ, ୨୮।୧(ଡି.ଏନ.ଏ.):** ପରଜଙ୍ଗ ଥାନା ନିକଟ ଖେଳପଡ଼ିଆରେ ମଙ୍ଗଳବାର ସାନପୁଅ ମେମୋରିଆଲ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ତଳବେରେଣାକୁ ୨-୦ ସେଟ୍‌ରେ ହରାଇ ଖଇରାମୁଣ୍ଡା ଚାମ୍ପିୟନ ହୋଇଛି। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଞ୍ଜିତ ସାମଲ, ସୁଧାଂଶୁ ସାମଲ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ନିରୋଦ ଦାସ ଏବଂ କ୍ଷୀରୋଦ ସାହୁ ଖେଳ ପରିଚାଳନା କରିଥିଲେ।

### ବ୍ଲାକ ଡାଇମଣ୍ଡକୁ ହରାଇ ଶିବଶକ୍ତି କ୍ଲବ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୨୮।୧:** କାମାକ୍ଷାନଗର ବ୍ଲକ ବାଇସିଙ୍ଗା ଗ୍ରାମରେ ଡାଇମଣ୍ଡ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟ ଶେଷ ହୋଇଛି। ଫାଇନାଲ ମ୍ୟାଚ୍‌ରେ ବାଇସିଙ୍ଗା ବ୍ଲାକ ଡାଇମଣ୍ଡ କ୍ରିକେଟ କ୍ଲବକୁ ହରାଇ କୋଟଗରା ଶିବଶକ୍ତି କ୍ଲବ ଚାମ୍ପିୟନ ହୋଇଛି। ବାଇସିଙ୍ଗା ୧୨ ଓଭରରେ ୭୬ ରନ୍ କରିଥିବାବେଳେ କୋଟଗରା ୮୧ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଦୁଷ୍ମନ୍ତ ରାଉତ ୪ ଛକା ଏବଂ ୨ ଚୌକା ସହାୟତାରେ ୩୨ ରନ୍ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀଧର ମଲ୍ଲିକ ଯୋଗଦେଇ ଚାମ୍ପିୟନ ଶିବଶକ୍ତି ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରଣଜିତ ପରିଡ଼ା, ବିଶ୍ୱଜିତ୍ ପରିଡ଼ା, ସୌମ୍ୟରଞ୍ଜନ ମଲ୍ଲିକ, କାର୍ତ୍ତିକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟିକର ବଢ଼ାଉଛି ଦ୍ୱନ୍ଦ୍ୱ

**ହିନ୍ଦୋଳ, ୨୮।୧(ଡି.ଏନ.ଏ.)**





ବିଜୁ ପକ୍କାଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଫଳକ।



ନିର୍ମାଣ ହୋଇଥିବା ବାସଗୃହ।

ଘର ଗୋଟିଏ। ଲାଗିଛି ଦୁଇ ଷ୍ଟିକର। ଗୋଟିଏ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଏବଂ ଅନ୍ୟଟି ସୂଚାଉଛି ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନାକୁ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତର ଗୁଲୁଗୁଣ୍ଡି ଗ୍ରାମର ଆବାସ ଯୋଜନା ଫଳକରେ ଏଭଳି ତ୍ରୁଟିବିଚ୍ୟୁତି ପଦାକୁ ଆସିଛି। ପ୍ରଶାସନିକସ୍ତରରେ ହୋଇଥିବା ଏଭଳି ଭୁଲ ଯୋଗୁ ଯୋଜନାର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ହିନ୍ଦୋଳ ବ୍ଲକରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି। ସ୍ୱଚ୍ଛଳ ବର୍ଗ ଗୃହ କାର୍ଯ୍ୟାଦେଶ ହାତେଇ ନେଉଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ଅନେକ ସମୟରେ ଚର୍ଚ୍ଚାର ବିଷୟ ପାଲଟୁଛି। ତେବେ ଗୁଲୁଗୁଣ୍ଡି ଗ୍ରାମର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। କୃପାସିନ୍ଧୁ ପଣ୍ଡା ନାମକ ଜଣେ ହିତାଧିକାରୀଙ୍କ ନବନିର୍ମିତ ଘରେ ଦୁଇଟି ଫଳକ ଲାଗିଛି। ତଦନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୦୨୦/୨୧ ଆର୍ଥିକ ବର୍ଷରେ ୧ ଲକ୍ଷ ୨୦ହଜାର ଟଙ୍କା ମଞ୍ଜୁର ହୋଇଥିବା ଏବଂ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସହାୟତା ବାବଦକୁ ୧୮ହଜାର ୬୩୦ ଟଙ୍କା ପ୍ରଦାନ କରାଯାଇଥିବା ଉଲ୍ଲେଖ ରହିଛି। ଅନ୍ୟ ଏକ ଫଳକରେ ସମାନ ଆର୍ଥିକ ବର୍ଷରେ ଅର୍ଥାତ୍ ୨୦୨୦/୨୧ରେ ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନା(ଗ୍ରାମୀଣ)ରେ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ଉଲ୍ଲେଖ ରହିଛି। ଏଥିରେ ମଧ୍ୟ ହିତାଧିକାରୀ ୧ ଲକ୍ଷ ୨୦ ହଜାର ଟଙ୍କା ପାଇଥିବା ଦର୍ଶାଯାଇଛି। ଜଣେ ହିତାଧିକାରୀଙ୍କ ଘରେ ଦୁଇ ଫଳକ ଲାଗିଥିବା ଦେଖି ସାଧାରଣରେ ଭିନ୍ନ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜିଆର୍‌ଏସ୍ ମିନର୍ଭା ପତି କୁହନ୍ତି, ଦୁଇଟି ଫଳକ ମରାଯିବା ପ୍ରଶାସନିକ ତ୍ରୁଟି। ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମଞ୍ଜୁର ହୋଇଛି। ତଦନୁଯାୟୀ ଅର୍ଥ ପ୍ରଦାନ କରାଯାଇଛି। ତେବେ ତ୍ରୁଟିପୂର୍ଣ୍ଣ ଭାବେ ବିଜୁ ପକ୍କାଘର ଷ୍ଟିକର ମରାଯାଇଛି। ବିଡିଓ ଦେବଦତ୍ତ ମାହୁନ୍ତ କୁହନ୍ତି, ଏହି ଘଟଣା ତାଙ୍କ ନଜରକୁ ଆସିନାହିଁ। ତ୍ରୁଟିବିଚ୍ୟୁତି କିମ୍ବା କୌଣସି ଅନିୟମିତତା ହୋଇଥିଲେ ବିଧିବଦ୍ଧ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

- ଗୋଟିଏ ଘରେ ୨ ଯୋଜନାର ଫଳକ
- ଷ୍ଟିକରିଂରେ ତ୍ରୁଟି ହୋଇଥିବା ମାନିଲେ ଜିଆର୍‌ଏସ୍
- ତଦନ୍ତ କରାଯିବ ବୋଲି କହିଲେ: ବିଡିଓ

# ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ ଜାରି ରଖ

**ଢେଙ୍କାନାଳ ଅଫିସ, ୨୮।୧**

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ୩୩ ମେଧାବୀ ଛାତ୍ରୀଛାତ୍ର, ମାର୍ଗଦର୍ଶକ ଶିକ୍ଷକଙ୍କୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଉତ୍ସାହିତ କରାଇବାକୁ ଯାଇ ଜିଲାପାଳ କହିଲେ, ଆତ୍ମତୃପ୍ତିର ଅବକାଶ ନାହିଁ। ଆଗକୁ ବଢ଼ିଚାଲ। ଲକ୍ଷ୍ୟ ହାସଲ ପାଇଁ ଅବିରତ ଉଦ୍ୟମ ଜାରି ରଖ। ସମ୍ମାନିତ ଅତିଥି ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି କହିଲେ, ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ଆଧାର କରି ନିଜକୁ ଆଦର୍ଶ ନାଗରିକ ଭାବେ ଗଢ଼ି ତୋଳ। ଅନ୍ୟତମ ଅତିଥି ଭାବେ ବିଇଓ ମୌସୁମୀ ସାହୁ, ମଙ୍ଗଳପୁର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଅଶୋକ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ସହଯୋଗ କରିଥିଲେ।




ଜଣେ ମେଧାବୀ ଛାତ୍ରୀଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

# ଶିଳ୍ପାୟନ ହେଲେ ନିଯୁକ୍ତି ବାଟ ଫିଟିବ

**କାମାକ୍ଷାନଗର, ୨୮।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲାରେ ଶିଳ୍ପାୟନର ଗତି ଧିମେଇଛି। ଏହାଦ୍ୱାରା ଆବଶ୍ୟକ ପରିମାଣର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରୁନାହିଁ। ଯାହାକୁ ନେଇ କ୍ଷୋଭ ବ୍ୟକ୍ତ କରିଛି ଢେଙ୍କାନାଳ ବିକାଶ ପରିଷଦ। କାମାକ୍ଷାନଗର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପରିଷଦର ଆବାହକ ରାଜନାରାୟଣ ତ୍ରିପାଠୀ ଜିଲାର ବିକାଶ ଲାଗି ବିସ୍ତୃତ ଆଲୋଚନା କରିବା ସହ ଶିଳ୍ପାୟନ ଏବଂ ନିଯୁକ୍ତିକୁ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଢେଙ୍କାନାଳର ପଡ଼ୋଶୀ ଜିଲାରେ ପ୍ରଚୁର ଖଣିଜ ପଦାର୍ଥ ରହିଛି। ଲୁହାପଥର, କୋଇଲା ସହଜରେ ଉପଲବ୍ଧ ଥିବା ସତ୍ତ୍ୱେ ବୃହତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେଣୁ ଜିଲାରେ ରୋଜଗାର ସୃଷ୍ଟି ହୋଇପାରୁନାହିଁ। ଶିଳ୍ପାୟନ ଦ୍ୱାରା ନିଯୁକ୍ତି ବାଟ ଫିଟବ ବୋଲି ସେ କହିଥିଲେ। କାମାକ୍ଷାନଗରରେ ନାଲ୍‌କୋ ତରଫରୁ ୧୨,୦୦୦ କୋଟି ଟଙ୍କା ବ୍ୟୟରେ ଆଲୁମିନିୟମ ସ୍ମେଲଟର ପ୍ଲାଣ୍ଟ, ଅଁଳାବେରେଣୀରେ ଓଡ଼ିଶା ତାପଜ ବିଦ୍ୟୁତ୍ ପ୍ରକଳ୍ପ, ଢେଙ୍କାନାଳ ଗଜମରାରେ ଏନ୍‌ଟିପିସି ପକ୍ଷରୁ ଶକ୍ତି ପ୍ରକଳ୍ପ, ଗଁଦିଆର ନେଉଳପୋଇରେ ଶକ୍ତି ପ୍ରକଳ୍ପ ପ୍ରସ୍ତାବରେ ଅଟକି ରହିଛି। ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଜିଲାର ଯୁବତୀଯୁବକଙ୍କୁ କୃଷିଭିତ୍ତିକ ଉଦ୍ୟୋଗ, କୁଟୀରଶିଳ୍ପ, ପ୍ରାଣୀ ପାଳନ ଲାଗି ପ୍ରୋତ୍ସାହିତ କରାଗଲେ ବ୍ୟାପକ ରୋଜଗାର ସୃଷ୍ଟି ହେବ। ଶିକ୍ଷାନୁଷ୍ଠାନ ଏବଂ କର୍ପୋରେଟ ଜଗତରେ ଢେଙ୍କାନାଳ ଜିଲାର ବ୍ରାଣ୍ଡ ମାର୍କେଟିଂ କରିପାରିଲେ ନିବେଶକ ଆକୃଷ୍ଟ ହେବେ ବୋଲି ଆବାହକ ତ୍ରିପାଠୀ କହିଥିଲେ।

# ଗଣେଶ ବଜାର ପାଳିବ ପ୍ଲାଟିନମ୍ ଜୁବିଲି




ଗଣେଶ ବଜାର ପୂଜା କମିଟି କର୍ମକର୍ତ୍ତା।

**ଢେଙ୍କାନାଳ ଅଫିସ, ୨୮।୧**

ଢେଙ୍କାନାଳ ସହରସ୍ଥିତ ଗଣେଶ ବଜାର ପୂଜା କମିଟିର ସାଧାରଣ ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୩ ବର୍ଷ ଲାଗି କର୍ମକର୍ତ୍ତା ଚୟନ କରାଯାଇଥିଲା। ଅଧ୍ୟକ୍ଷ ଭାବେ ଶେଖ ହୁସେନ, ସଭାପତି ବସନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ଶରତ ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା ମନୋନୀତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ରଞ୍ଜନ ବେହେରା, ସହ ସମ୍ପାଦକ ଗଣେଶ ସେଠୀ, କୋଷାଧ୍ୟକ୍ଷ ନୃପେନ୍ଦ୍ର ସାହୁ, ଆଇନ ଉପଦେଷ୍ଟା ଭାବେ ମନୋରଞ୍ଜନ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ୨୦୨୩ ଗଣେଶ ବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ପ୍ଲାଟିନମ ଜୁବିଲି ପାଳନ କରିବ। ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ବୈଠକରେ ଆଲୋଚନା କରାଯାଇଥିଲା।

- ୩ ବର୍ଷ ଲାଗି ଚୟନ ହେଲେ କର୍ମକର୍ତ୍ତା
- ବସନ୍ତ ସଭାପତି, ବିଶ୍ୱନାଥ ସମ୍ପାଦକ

# ସ୍ୱଚ୍ଛତା, ସୁସ୍ଥତା କର୍ମଶାଳା

**ଢେଙ୍କାନାଳ ଅଫିସ, ୨୮।୧**

ଓଡ଼ାପଡ଼ା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ଏବଂ ସୁସ୍ଥତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ଅନନ୍ତ କୁମାର ରାଉଳ, ଓଡ଼ାପଡ଼ା ମହାବିଦ୍ୟାଳୟ ଅଧ୍ୟକ୍ଷ ଶମ୍ଭୁ ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ସ୍ୱଚ୍ଛ ପରିବେଶର ମହତ୍ତ୍ୱ ବୁଝାଇଥିଲେ। ଏହି ଅବସରରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ାପଡ଼ା କଲେଜ ଏକାଦଶକୁ ହରାଇ ଓଡ଼ାପଡ଼ା ମେଡିକାଲ ଏକାଦଶ ବିଜୟୀ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ହରିମାଧବ ଦାଶଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା।

# ଶାନ୍ତି ଆମର ମୂଳମନ୍ତ୍ର

**ଢେଙ୍କାନାଳ ଅଫିସ, ୨୮।୧**

**ଆଇଆଇଏମ୍‌ସିରେ ମନୋଗ୍ରାଫ୍ ଉନ୍ମୋଚିତ**

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ ଗୁରୁବାର ଅନୁଷ୍ଠାନର ମନୋଗ୍ରାଫ୍ 'ଶାନ୍ତି ସାମ୍ବାଦିକତା' ଉନ୍ମୋଚିତ ହୋଇଯାଇଛି। ଏହାକୁ ଉନ୍ମୋଚନ କରି ଆଇଆଇଏମ୍‌ସିର ମହାନିର୍ଦ୍ଦେଶକ ପ୍ରଫେସର ଡ. ସଞ୍ଜୟ ଦ୍ୱିବେଦୀ କହିଲେ, ବିଶ୍ୱ ସମୁଦାୟ ଏବେ ଅନ୍ତଃରାଷ୍ଟ୍ରୀୟ ଶାନ୍ତି ଓ ନିରାପତ୍ତାକୁ ଗୁରୁତ୍ୱ ଦେଉଛି। ଭାରତ ମାଟିରୁ ହିଁ ଶାନ୍ତିର ବାର୍ତ୍ତା ବିଶ୍ୱବ୍ୟାପୀ ପ୍ରସାରିତ ହୋଇଛି। ଶାନ୍ତି ଆମର ମୂଳମନ୍ତ୍ର। ଶାନ୍ତି ବିନା ବିକାଶ ସୂଚାରୁରୂପେ ହୋଇପାରିବ ନାହିଁ। କିନ୍ତୁ ଦୁଃଖର ବିଷୟ ଯେ, ଆଜିକାଲି ଅନେକ କ୍ଷେତ୍ରରେ ଅଶାନ୍ତିର ବାତାବରଣ ଦେଖିବାକୁ ମିଳୁଛି। ଏ ଦିଗରେ ଗଣମାଧ୍ୟମ ସକାରାତ୍ମକ ମନୋଭାବ ପୋଷଣ କରି ଶାନ୍ତି ସାମ୍ବାଦିକତାକୁ ଅଧିକ ଗୁରୁତ୍ୱ ଦେବା ଜରୁରୀ। ବିଶ୍ୱରେ ଗଣମାଧ୍ୟମ ହିଁ ଶାନ୍ତି ସ୍ଥାପନ କରିପାରିବ। ଏଥିପାଇଁ ଅଧିକରୁ ଅଧିକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଡି.ଭି.ଆର. ମୂର୍ତ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଶାନ୍ତି ସାମ୍ବାଦିକତାର ପ୍ରମୁଖ ଉପାଦାନ ହେଉଛି ସତ୍ୟତା। ସତ୍ୟ ଖବରର ବିଶ୍ଳେଷଣ, ଗବେଷଣା ଓ ଉପସ୍ଥାପନା କ୍ଷେତ୍ରରେ ଯୁବ ସାମ୍ବାଦିକମାନେ ସଚେତନ ହେବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ। ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି କହିଲେ, ବର୍ତ୍ତମାନ ସମୟରେ ଶାନ୍ତି ସାମ୍ବାଦିକତାର ବେଶ ଆବଶ୍ୟକତା ରହିଛି। ଗୁଗୁଲ ମିଟ୍‌ରେ ଅନୁଷ୍ଠିତ ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ସମ୍ପିତ ପାଲ ସଂଯୋଜନା କରିଥିଲେ। ମନୋଗ୍ରାଫରେ ୧୫ ସନ୍ଦର୍ଭ ଓ ନିବନ୍ଧ ସ୍ଥାନ ପାଇଛି। ସହକାରୀ ପ୍ରଫେସର ଡ. ଜ୍ୟୋତି ପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଜିଲା ଲେଖକ ସଂସଦ ଓ ଆଇଆଇଏମ୍‌ସି ମିଳିତ ଆନୁକୂଲ୍ୟରେ କବିତା ପାଠୋତ୍ସବ 'ସପ୍ତାଞ୍ଜଳି' ଅନୁଷ୍ଠିତ ହୋଇଥିଲା। ଆଇଆଇଏମ୍‌ସି ଅତିରିକ୍ତ ନିର୍ଦ୍ଦେଶକ (ପ୍ରଶାସନିକ) କେ. ସତୀଶ ନମ୍ବୁଦ୍ରିପଦ୍ ଭାରତୀୟ ଭାଷା ସାହିତ୍ୟର ମହାନତା ସମ୍ପର୍କରେ ଉଲ୍ଲେଖ କରିଥିଲେ।

# ବାଇସିଙ୍ଗା ହାଇସ୍କୁଲ ପୋଷ୍ୟ

**କାମାକ୍ଷାନଗର, ୨୮।୧(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କାମାକ୍ଷାନଗର ବ୍ଲକ ବାଇସିଙ୍ଗା ହାଇସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଗୁରୁବାର ସ୍କୁଲ ପରିଦର୍ଶନରେ ଆସି ଏହା ଘୋଷଣା କରିଛନ୍ତି। ସ୍କୁଲର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ଭିତ୍ତିଭୂମି ସଜାଡ଼ିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ନିର୍ଦ୍ଦେଶକଙ୍କ ଗସ୍ତ ଅବସରରେ ବିଇଓ ଅଜୟ କୁମାର ପାତ୍ରଙ୍କ ସମେତ ଗ୍ରାମର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଚିକିତ୍ସାଳୟ ପରିସରରେ ଲାଗିଲା ଚାରା



ଚାରାରୋପଣ କାର୍ଯ୍ୟକ୍ରମରେ ସିଡିଏମ୍‌ଓଙ୍କ ସମେତ କ୍ଲବର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୮।୧**

ଢେଙ୍କାନାଳ ବଜରଙ୍ଗ କ୍ଲବ୍ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କଦମ୍ବ, ପାସ୍ତା ବାଦାମ, ପଣସ, ଜାମୁ, କରଞ୍ଜ ଚାରାରୋପଣ କରାଯାଇଛି। ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଏଡିଏମ୍‌ଓ ଡା. ନମିତା ପଟ୍ଟନାୟକ, ଡାକ୍ତରଖାନା ପରିଚାଳିକା ଅଲିଭା ଆଦ୍ୟାରଶ୍ମି ଆଚାର୍ଯ୍ୟ, ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ଅମରେନ୍ଦ୍ର ସାମଲ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାସମଲ, ସଭ୍ୟ ବିଭୁପ୍ରସାଦ ମହାପାତ୍ର, ଅମିତ୍ ମହାପାତ୍ର, ବାବୁ ନାୟକ, ରାଜା ମହାପାତ୍ର, ସୌରଭ ମହାପାତ୍ର, ସୂର୍ଯ୍ୟକାନ୍ତ ବେହେରା, ସ୍ମାରକ ରଞ୍ଜନ ଦାସ, ପି. ଅଞ୍ଜନେୟ ପ୍ରମୁଖ ସହଯୋଗ କରିଥିଲେ।

# ରାମେଶ୍ୱର ସ୍ପୋର୍ଟିଂ ସେମିରେ

**ଢେଙ୍କାନାଳ ଅଫିସ, ୨୮।୧**

ଢେଙ୍କାନାଳ ଜିଲା ବେଡ଼ାପଡ଼ାସ୍ଥିତ ମା' ଅନ୍ଧାରୀ କ୍ରିକେଟ କ୍ଲବ ପଡ଼ିଆରେ ଚାଲିଥିବା ସୁବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂକୁ ୬୨ ରନ୍‌ରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୨୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୬୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ସମ୍ପିତ୍ ୨୮ ବଲରୁ ୭୩ ରନ କରିବା ସହ ୩ ଉଇକେଟ ନେଇଥିଲେ। ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା। ପ୍ରଶାନ୍ତ ଦାସ, ଅଜିତ ସାମଲ ଖେଳ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମେ ସେମିଫାଇନାଲ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଏବଂ କଟକ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ।



ସମ୍ପିତ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଉଛି।

# କଳାକାର ଗଢୁଛି କଳାବିକାଶ କେନ୍ଦ୍ର

**ଭୁବନ, ୨୮।୧(ଡି.ଏନ.ଏ.)**




ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ପ୍ରଦର୍ଶନ।

ଢେଙ୍କାନାଳ ଜିଲା ଭୁବନର ସାଂସ୍କୃତିକ ଅନୁଷ୍ଠାନ କଳାବିକାଶ କେନ୍ଦ୍ରର ୩ଦିନିଆ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କଳାର ବିକାଶ ଏବଂ କଳାକାର ଗଢ଼ିବାରେ କଳାବିକାଶ କେନ୍ଦ୍ରର ଭୂମିକା ଅନନ୍ୟ। ଏହି ଧାରା ବଜାୟ ରହିଲେ ଅଞ୍ଚଳର କଳାସଂସ୍କୃତି ସମୃଦ୍ଧ ହେବ। କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ଭଗବାନ ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ମହିଳା କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାସ, ମାତୃପ୍ରସାଦ ମିଶ୍ର ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରାଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ, ସମ୍ମାନିତ ଅତିଥି ଜିଲା ସଂସ୍କୃତି ପରିଷଦ ଉପସଭାପତି ଅବନୀ କୁମାର ମିଶ୍ର, ବିଡିଓ ଆଶୀର୍ବାଦ ପରିଡ଼ା, ତହସିଲଦାର ପ୍ରଭାସ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆମନ୍ତ୍ରିତ ହୋଇ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

